# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 October - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୦ ପ୍ରତିଶତ ଜନସଂଖ୍ୟା ଫାଇବ୍-ଜି ଟେଲିକମ୍ ସେବା ପରିସରଭୁକ୍ତ ହୋଇଛନ୍ତି ବୋଲି ସୂଚନା ଦେଲେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ।
- କେନ୍ଦୁଝର ରାଇକଳାଠାରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ।
- ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚାଲିଛି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଭସାଣୀ ।

ଏବଂ

- ଆଜିଠୁ ଆରମ୍ଭ ହେଲା କାର୍ତ୍ତିକ ବ୍ରତ ।

\- ପୁରୀ ଶ୍ରୀମନ୍ଦିରରେ ଏକମାସ ପର୍ଯ୍ୟନ୍ତ ପ୍ରତ୍ୟହ ଠାକୁରଙ୍କର ଅନୁଷ୍ଠିତ ହେବ ରାଧା ଦାମୋଦର ବେଶ ।

# ଫାଇବ୍-ଜି ଟେଲିକମ ସେବା

ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୦ ପ୍ରତିଶତ ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରି ଫାଇବ୍-ଜି ଟେଲିକମ୍ ସେବା ଆରମ୍ଭ ହୋଇଯାଇଛି ବୋଲି କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ନୂଆଦିଲ୍ଲୀରେ ପଞ୍ଚମ ବିଶ୍ୱ ମାନକ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ସିନ୍ଧିଆ କହିଛନ୍ତି ୨୨ ମାସ ମଧ୍ୟରେ ଏହି ସଫଳତା ହାସଲ ହୋଇପାରିଛି । ୨୦୪୦ ସୁଦ୍ଧା ଫାଇବ୍-ଜି ସେବା କ୍ଷେତ୍ରରେ ୪୫୦ ନିୟୁତ ଆମେରିକୀୟ ଡଲାର ପୁଞ୍ଜିନିବେଶର ଆଶା କରାଯାଉଛି । ଶ୍ରୀ ସିନ୍ଧିଆ କହିଛନ୍ତି ବିଶ୍ୱରେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି । ଭାରତରେ ବିଶ୍ୱ ଦୂରସଞ୍ଚାର ମାନକ ସଭା ପ୍ରଥମଥର ପାଇଁ ଆୟୋଜିତ ହେଉଛି ଏବଂ ଏଥିରେ ୧୦୦ରୁ ଅଧିକ ଦେଶର ପ୍ରତିନିଧି ଯୋଗ ଦେଉଛନ୍ତି । ଆନ୍ତର୍ଜାତିକ ଦୂରସଞ୍ଚାର ସଂଘର ମହାସଚିବ ଡୋରିନ୍ ବୋଗଡାନ୍ ମାର୍ଟିନ ଭାରତରେ ଫାଇବ୍-ଜି ଟେଲିକମ୍ ସେବା ତ୍ୱରାନ୍ୱିତ ହୋଇଛି ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜିନିବେଶ ହୋଇପାରିଛି ବୋଲି କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ସର୍କିଟ୍ ହାଉସ୍‌ଠାରେ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଲୋକଙ୍କ ସମସ୍ୟା ଶୁଣି ଏହାର ତ୍ୱରିତ ସମାଧାନ

ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦୁଝର ଗସ୍ତ ନେଇ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି...

**- V/O -**

ଏହି ଗସ୍ତ ଅବସରରେ ରାଇକଲାଠାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଚାରାରୋପଣ କରିଛନ୍ତି । ଧରିତ୍ରୀ ମା' ପରିବେଶର ସୁରକ୍ଷା ପାଇଁ ଚାରାରୋପଣ କରିବା ଉପରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

# ରେରା ଆଇନ୍ ପରିବର୍ତ୍ତନ

ରାଜ୍ୟରେ ରେରା ଆଇନ୍‌ର ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯିବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସଂପୃକ୍ତ ବିଭାଗ ସହ ଆଲୋଚନା ପରେ ଏନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି । ସମ୍ବଲପୁର ଡିଏସ୍‌ଆର୍ କାର୍ଯ୍ୟାଳୟ ଆଜି ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ରାଜସ୍ୱ ସେବା ପ୍ରଦାନରେ ଅବହେଳା ଲକ୍ଷ୍ୟ କରାଗଲେ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜମି ବିକ୍ରିବଟା ତଥା ଅନ୍ୟାନ୍ୟ କାଗଜପତ୍ର ପ୍ରସ୍ତୁତି ନେଇ ଦଲାଲଙ୍କ ସଂପୃକ୍ତି ତଥା ଦୁର୍ନୀତି ବିରୁଦ୍ଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ସାଧାରଣ ଜନତାଙ୍କ ସମସ୍ୟା ଏବଂ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ

ସେମାନଙ୍କର ମତାମତ ସଂଗ୍ରହ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଡିଏସ୍ଆର୍‌କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦୁର୍ଗା ଭସାଣି

କଟକ ଓ ଭୁବନେଶ୍ୱରରେ ଆଜି ମା’ ଜଗଜ୍ଜନନୀ ଦେବୀ ଦୁର୍ଗାଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେଉଛି । ୫ଦିନର ପୂଜା ପରେ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଉଛି । ଏଥିପାଇଁ ଚିହ୍ନଟ ସ୍ଥାନ ଗୁଡ଼ିକରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି । ପାରମ୍ପରିକ ବାଦ୍ୟ, ଘଣ୍ଟ, ଶଙ୍ଖ, ବାଜା, ନାଚଗୀତ ମଧ୍ୟରେ ମା’ଙ୍କର ଶୋଭାଯାତ୍ରା ଚାଲିଛି । କଟକରେ ପୂର୍ବାହ୍ନରୁ ମେଢ଼ ଗୁଡ଼ିକୁ ସାହି ପରିକ୍ରମା ପରେ ବିସର୍ଜନ ପାଇଁ ଦେବୀଗଡା ଅଭିମୁଖେ ନିଆଯାଉଛି । ଏଥିପାଇଁ ଦେବୀଗଡାଠାରେ ୩ଟି ଅସ୍ଥାୟୀ ପୋଖରୀ ପ୍ରସ୍ତୁତି କରାଯାଇଛି । ବଙ୍ଗୀୟ ରୀତିନୀତି ଅନୁଯାୟୀ ପୂଜା ହୋଇଥିବା ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଗତକାଲି ରାତିରୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି । ଆଜି ସକାଳ ସୁଦ୍ଧା କାଠଯୋଡ଼ି ଦେବୀଗଡାଠାରେ ୧୫ଟି ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ହୋଇଥିବା ଜଣାପଡିଛି । ଭସାଣୀ ଉତ୍ସବ ଦେଖିବା ପାଇଁ ଦେବୀଗଡାଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଭସାଣ ସମୟରେ ସହରର ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି ।

ସେହିଭଳି ରାଜଧାନୀ ଭୁବନେଶ୍ୱରରର କୁଆଖାଇ ଓ ଦୟାନଦୀ କୂଳରେ ଏବଂ ଟଙ୍କପାଣି ସାଇମନ୍ଦିର ନିକଟରେ  ଭସାଣି ପାଇଁ ଅସ୍ଥାୟୀ ଭାବେ ପୋଖରୀ ନିର୍ମାଣ କରାଯାଇଛି । ଅପରାହ୍ନ ୩ଟାରୁ ରାତି ଗୋଟାଏ ପର୍ଯ୍ୟନ୍ତ ସହର ଭିତରେ ଟ୍ରାଫିକ କଟକଣା ଲାଗୁ ହୋଇଛି ।

## ଭସାଣି ଉତ୍ସବ

**ଭଦ୍ରକ** ଜିଲ୍ଲାର ୪ଟି ପୌରାଞ୍ଚଳ ଏବଂ ୭ଟି ବ୍ଲକରେ ମା'ଙ୍କର ଭସାଣଯାତ୍ରା ଚାଲିଛି । ବୈତ୍ୟରଣୀ, ସାଳନ୍ଦୀ, ନନ୍ଦୀଘାଟ ସମେତ ଛଅପୋଲିଆ, କେନାଲ ଏବଂ ବିଭିନ୍ନ ପୁଷ୍କରିଣୀରେ ମୂର୍ତ୍ତିଗୁଡ଼ିକର ବିସର୍ଜନ ପାଇଁ ବ୍ୟବସ୍ଥା ହୋଇଛି । ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିମା ମଧ୍ୟରୁ ୪୫ଟିରୁ ଅଧିକ ଇତିମଧ୍ୟରେ ବିସର୍ଜନ ହୋଇସାରିଥିବା ଜଣାପଡିଛି ।

**କୋରାପୁଟ** ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବିସର୍ଜନ ସମାରୋହ ଅନୁଷ୍ଠିତ ହୋଇଛି । ବିଜୟୀ ଦଶମୀ ଉପଲକ୍ଷେ ଗତକାଲି ଜିଲ୍ଲାର ବିଭିନ୍ନ ଶକ୍ତିପୀଠ ଗୁଡ଼ିକର ପ୍ରତୀକ ଲାଠିକୁ କୋରାପୁଟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ବିମଳା ଠାକୁରାଣୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଲାଠିଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ କୋରାପୁଟର ଗ୍ରାମଦେବୀ ନିଶାଣିମୁଣ୍ଡାଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ସେହିଭଳି ଜୟପୁରଠାରେ ରାବଣପୋଡ଼ି ସହ ଅପରାଜିତା ପୂଜା ସମ୍ପାଦିତ ହୋଇଥିଲା । ଏହାପରେ ଜୟପୁର, କୋରାପୁଟ, ସେମିଳିଗୁଡା,

ବୋରିଗୁମ୍ମା ଆଦି ସ୍ଥାନ ଗୁଡ଼ିକରେ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି ।

**ନୂଆପଡା** ଜିଲ୍ଲା ଖଡ଼ିଆଲ ରାଜାପଡା ଦୁର୍ଗାପୂଜା ଭସାଣି ଉତ୍ସବ ଆଜି ଅନୁଷ୍ଠିତ ହେଉଛି । ଖଡ଼ିଆଲ ପଟ୍ଟନାୟକପଡା ଦୁର୍ଗାମେଢ଼ ଗତକାଲି ବିସର୍ଜିତ ହୋଇଥିଲା । ଭସାଣି ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

## ଗୋଣାଣି ଉତ୍ସବ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଗୋଣାଷି ଉତ୍ସବ ଅନୁଷ୍ଠିତ ହେବ । ସହରରେ ପୂଜା ପାଉଥିବା ସମସ୍ତ ମୃଣ୍ମୟୀ ମେଢ଼ଗୁଡ଼ିକୁ ଆଜି ବିସର୍ଜନ କରାଯିବ । ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ପ୍ରତିନିଧି ମା' କାକୁଡ଼ିଖାଇଙ୍କର ଗତକାଲି ଦଶହରାରେ ପରମ୍ପରା ଅନୁଯାୟୀ ବିସର୍ଜନ ହୋଇଛି । ଅନ୍ୟ ଗୋଷାଣି ଗୁଡ଼ିକ ଆଜି ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ପ୍ରଥମେ ଦେବୀ ସଭାରେ ସାମିଲ ହେବେ । ଏକାଦଶୀ ଅବସରରେ ଶ୍ରୀଜୀଉଙ୍କର ମହାଦୀପ ଉଠିବା ପରେ ଗୋଷାଣିଗୁଡ଼ିକୁ ନେଇ ବିସର୍ଜନ କରାଯିବ । ଗୋଷାଣି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

## ରାଧା ଦାମୋଦର ବେଶ

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ଅବସରରେ ଆଜିଠାରୁ ପୁରୀ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ପ୍ରତ୍ୟହ ଶ୍ରୀଜୀଉଙ୍କର

ରାଧା ଦାମୋଦର ବେଶ ଅନୁଷ୍ଠିତ ହେବ । ଏକମାସ ପର୍ଯ୍ୟନ୍ତ ଠାକୁରଙ୍କର ବାଲଭୋଗ ନୀତି ମଧ୍ୟ ଅନୁଷ୍ଠିତ ହୋଇଥାଏ । ଶ୍ରୀଜୀଉଙ୍କର ରାଧା ଦାମୋଦର ବେଶ ଦର୍ଶନ ଏବଂ ବାଲଭୋଗ ପାଇବା ପାଇଁ ହବିଷ୍ୟାଳି ଅତ୍ୟନ୍ତ ନିଷ୍ଠା ଏବଂ ଶ୍ରଦ୍ଧାର ସହ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଏ ସମ୍ପର୍କରେ ଆକାଶବାଣୀକୁ ଅଧିକ ସୂଚନା ଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହନ୍ତି...

## - V/O –

## ଆର୍‌ବିଆଇ-ଗଭର୍ଣ୍ଣର

କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ଯୋଗୁଁ ସାଇବର ଆକ୍ରମଣ ଏବଂ ତଥ୍ୟ ପ୍ରଘଟ ଭଳି ଘଟଣା ଗୁଡ଼ିକ ଆହ୍ୱାନ ସୃଷ୍ଟି କରୁଛି ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି । ନୂଆଦିଲ୍ଲୀରେ ଆଜି **୯୦ ବର୍ଷରେ ଆର୍‌ବିଆଇ** ଶୀର୍ଷକ ଏକ ଉଚ୍ଚସ୍ତରୀୟ କର୍ମଶାଳାକୁ ସମ୍ବୋଧନ କରି ଶ୍ରୀ ଦାସ କହିଛନ୍ତି ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକୁ ଏ ଦିଗରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ । ସେ କହିଛନ୍ତି ଅନାଦେୟ ଋଣ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରୁଛି ।

ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏକ ବିଶ୍ୱସ୍ତରୀୟ ସାର୍ବଜନିନ ଡିଜିଟାଲ୍ ସଂରଚନା ପ୍ରସ୍ତୁତ କରିସାରିଛି ବୋଲି ଶ୍ରୀ ଦାସ କହିଛନ୍ତି । ଏହି ସଂରଚନା ଉଚ୍ଚ ମୂଲ୍ୟଯୁକ୍ତ ଡିଜିଟାଲ୍ ଆର୍ଥିକ ଉତ୍ପାଦନ କ୍ଷେତ୍ରରେ ସୁବିଧା

ପ୍ରଦାନ କରୁଛି । ସେ କହିଛନ୍ତି ଡିଜିଟାଲ ସଂରଚନା ଯୋଗୁଁ ଏବେ ଦେଶରେ ୧ ଲକ୍ଷ ୪୦ ହଜାରରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ କାର୍ଯ୍ୟ କରୁଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତାକାଲି ସୁଦ୍ଧା ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ ହ୍ରାସ ପାଇଛି । ଚଳିତବର୍ଷ ସ୍ୱାଭାବିକ ସମୟର ଚାରିଦିନ ପୂର୍ବରୁ ମୌସୁମୀ ଓଡିଶା ଛୁଇଁଥିଲା । କେରଳ ଉପକୂଳ ଛୁଇଁବାର ୮ଦିନ ପରେ ମୌସୁମୀ ଓଡିଶା ସ୍ପର୍ଶ କରିଥିଲା । ଚଳିତବର୍ଷ ମୌସୁମୀ ଋତୁରେ ଜୁନ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ୧୧ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ରାଜ୍ୟରେ ଏହି ସମୟ ମଧ୍ୟରେ ୧ହଜାର ୯୨ମିଲିମିଟର ବର୍ଷା ହୋଇଥିଲେ ମଧ୍ୟ  ସ୍ୱାଭାବିକଠାରୁ ୫ ପ୍ରତିଶତ କମ୍ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ମାଲକାନଗିରି ଜିଲ୍ଲାରେ ସର୍ବାଧିକ ସ୍ୱାଭାବିକଠାରୁ ୫୬ ପ୍ରତିଶତ ଏବଂ ନୂଆପଡା ଜିଲ୍ଲାରେ ୧୩ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଥିଲା । ୨୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିଲା ।